بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨୩ ମଇ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

**ମକ୍କା ଯୁଦ୍ଧ ଜୟ କରିବାର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ଏବଂ ସ୍ୱର୍ଗତ ଡ଼ାଃ ଶେଖ୍ ମେହମୁଦ୍ ସାହେବ ଶହିଦ୍‌ଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହେମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱରଅ.ବ କହିଲେ; ଗତ ଖୁତ୍‌ବାରେ ଗୋଟିଏ ଘଟଣା ଯହିଁରେ ଜଣେ ବ୍ୟକ୍ତି ସଲାମ୍ କରିବା ସତ୍ତ୍ୱେ ତାହାକୁ ଜଣେ ମୁସଲମାନ ହତ୍ୟା କରିଦେବାର ମୁଁ ଚର୍ଚ୍ଚା କରିଥିଲି ଏବଂ ସେଥିସଂକ୍ରାନ୍ତରେ ସୁରାଃ ନିସାର ଆୟତ ସଂଖ୍ୟା ୯୫ ଆବୃତ୍ତି କରିଥିଲି । ଯେଉଁଥିରେ ଉଲ୍ଲେଖ ରହିଛି ଯେ, ଯଦି କୌଣସି ବ୍ୟକ୍ତି ତୁମକୁ ସଲାମ୍ କରନ୍ତି ତେବେ ତାହାକୁ ଅବିଶ୍ୱାସକାରୀ ବୋଲି କୁହ ନାହିଁ । ଏହି ଘଟଣାର ବିସ୍ତୃତ ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି, ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ ଏପରି କାଣ୍ଡ ଭିଆଇ ଥିବା ମୁସଲମାନଙ୍କୁ କେବଳ (ଏହି କର୍ମରୁ) ବାରଣ କରି ନଥିଲେ, ବରଂ ତାହା ଉପରେ ଭୀଷଣ ରୂପେ କ୍ରୋଧିତ ହୋଇଥିଲେ । ଆଉ ତାହାକୁ ନିଜ ସମ୍ମୁଖରୁ ଦୂରକୁ ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ । କେତେକ ବର୍ଣ୍ଣନାନୁଯାୟୀ ମହାଭାଗ ତାହା ବିରୁଦ୍ଧରେ ଦୁଆ ମଧ୍ୟ କରିଥିଲେ । କାରଣ ଏହି (ଅନ୍ୟାୟ ପୂର୍ଣ୍ଣ) କର୍ମ ଦ୍ୱାରା ହୁଜୁର ସ.ଅଙ୍କୁ ବହୁତ ଦୁଃଖ ଓ କ୍ଲେଶ ପହଞ୍ଚିଥିଲା । ସେ ଯାହା ହେଉ ପୁଣ୍ୟଶ୍ଳୋକ ତାହାକୁ ଅତି ନିକୃଷ୍ଟ ଓ ମନ୍ଦକର୍ମ ଦର୍ଶାଇ ଥିଲେ । ସମ୍ପ୍ରତି ପାକିସ୍ତାନର ଏହି ନାମକୁ ମାତ୍ର ମୌଲବୀ, ଧର୍ମର ଠିକାଦାରମାନଙ୍କୁ ଏକଥା ବୁଝା ପଡନ୍ତା କି ! ଏବଂ ଅହେମଦିମାନଙ୍କ ଉପରେ ସେମାନେ ଯେଉଁ ଅନ୍ୟାୟ ଓ ଅତ୍ୟାଚାର ମୂଳକ ବର୍ବର ଆଚରଣ ଅବ୍ୟାହତ ରଖିଛନ୍ତି ସେଥିରୁ ସେମାନେ ବିରତ ରୁହନ୍ତେ କି ! ଯଦ୍ଦ୍ୱାରା ସେମାନେ ଅଲ୍ଲାଃତାଲାଙ୍କ କୋପରୁ ବର୍ତ୍ତିଯାନ୍ତେ ।

ଏବେ ଯୁଦ୍ଧର (ଘଟଣା ଚର୍ଚ୍ଚାର) କ୍ରମାନ୍ୱୟରେ ମକ୍କା ଯୁଦ୍ଧ ଜୟ କରିବାର ଘଟଣା ଆଲୋଚନା କରିବି, ଯାହାକି ରମଜାନ ମାସ ୮ ହିଜ୍‌ରୀରେ ସଙ୍ଘଟିତ ହୋଇଥିଲା । ଏହାକୁ ଶ୍ରେଷ୍ଠ ବିଜୟ ବୋଲି ମଧ୍ୟ ଅଭିହିତ କରାଯାଏ । ଏହାର ସୁସମାଚାର ସ୍ୱୟଂ ପରାକ୍ରମୀ ଅଲ୍ଲାଃ ନବୀଶ୍ରେଷ୍ଠଙ୍କୁ ପୂର୍ବରୁ ହିଁ ପ୍ରଦାନ କରିଦେଇଥିଲେ । ଯାହାର ପରିଣାମ ସ୍ୱରୂପ ମାଳ ମାଳ ହୋଇ ଲୋକେ ଇସଲାମ ଧର୍ମର ଦୀକ୍ଷା ନେଲେ । ହଜରତ ମୁସଲେହ୍ ମଉଦର.ଅ ଆୟତ- କୁର୍ ରବ୍‌ବି ଅଦ୍‌ଖିଲ୍‌ନୀ ମୁଦ୍‌ଖଲା ସିଦ୍‌କିନ୍... ଅନ୍ତର୍ଗତ ବର୍ଣ୍ଣନା କରନ୍ତି ଯେ, ଏହା ସେହି ଆୟତ ଯାହାକି ହିଜ୍‌ରତ (ଦେଶାନ୍ତର ଗମନ) ପୂର୍ବରୁ ସୁରଃ ବନୀ ଇସ୍ରାଇଲ୍‌ରେ ଅବତୀର୍ଣ୍ଣ ହୋଇଥିଲା । ଯେଉଁଥିରେ ପ୍ରବାସ କରିବା ଓ ମକ୍କା ଜୟ କରିବାର ସୁସମାଚାର ପ୍ରଦାନ କରାଯାଇଥିଲା ।

ସୁରଃ ଫତାହ୍‌ରେ ମକ୍କା ବିଜୟର ସୁସମାଚାର ଏପରି ପ୍ରଦାନ କରାଯାଇଛି ଯେ, ଲକଦ୍ ରଜିୟଲ୍ଲାହୁ ଅନିଲ୍ ମୁମିନିନା ଇଜାୟୁବାୟୁନକା ତହ୍‌ତଶ୍ ଶଜରତି ଫଆଲିମା ମାଫିକୁଲୁବିହିମ୍ ଫଅନ୍‌ଜଲସ୍ ସକିନତା ଆଲୈହିମ୍ ଓ

ଅସାବହୁମ୍ ଫତ୍‌ହନ୍ କରିବା (ଫତାହ୍ ୪୮:୧୯) ଅର୍ଥାତ୍ ସେମାନଙ୍କ ହୃଦୟରେ ଯାହା (ବିଶ୍ୱାସ) ଥିଲା ସେ ତାହାକୁ ଭଲ ଭାବରେ ଜାଣି ପାରିଲେ ତେଣୁ ଏଥିଯୋଗୁଁ ସେ ସେମାନଙ୍କ ହୃଦୟରେ ଶାନ୍ତି ଅବତୀର୍ଣ୍ଣ କଲେ ଏବଂ ସେମାନଙ୍କୁ ଏକ ଆସନ୍ନ ବିଜୟ ପ୍ରଦାନ କଲେ ।

ବାସ୍ତବତା ଏହିକି ଯେ, ଯେଉଁଦିନ ମହାଭାଗ ମକ୍କାରୁ ହିଜ୍‌ରତ କରିଥିଲେ ଐଶ୍ୱର୍ଯ୍ୟମୟ ପ୍ରଭୁ ସେହିଦିନ ପୁଣ୍ୟଶ୍ଳୋକଙ୍କୁ ମକ୍କା ବିଜୟର ସୁସମାଚାର ପ୍ରଦାନ କରି ଦେଇଥିଲେ । ଅତଏବ ହିଜ୍‌ରତ ସମୟରେ ଏହି ଆୟତ ଅବତୀର୍ଣ୍ଣ ହୋଇଥିବାର ମଧ୍ୟ ବର୍ଣ୍ଣନା ମିଳୁଅଛି ଯେ, ଇନ୍ନଲ୍ ଲଜି ଫରଜା ଆଲୈକଲ୍ କୁରଆନା ଲରଦ୍ଦୁକା ଇଲା ମଆଦ୍ (କସସ୍ ୨୮:୮୬) ଅର୍ଥାତ୍ ଅଲ୍ଲାଃ ତୁମ୍ଭ ପ୍ରତି ଏହି କୁରଆନର (ଶିକ୍ଷା) ବାଧ୍ୟତାମୂଳକ କରିଛନ୍ତି, ସେ ଶପଥ ପୂର୍ବକ କହୁଛନ୍ତି, ଯେ ତୁମ୍ଭକୁ ଏହି ସ୍ଥାନକୁ ଫେରାଇ ଆଣିବେ । ଇମାମ ଫଖରୁଦ୍ଦିନ୍ ରାଜୀ କହନ୍ତି; ଏଠାରେ ପ୍ରତ୍ୟାବର୍ତ୍ତନ କରିବା ସ୍ଥାନ ମକ୍କା ଅଟେ ।

ସୁରଃ ବକରାର ଗୋଟିଏ ଆୟତରେ ଅଲ୍ଲାଃତାଲା କହନ୍ତି; ଓମିନ୍ ହୈସୁ ଖରଜତା ଫଓଲ୍‌ଲି ଓଜ୍‌ହକା ଶତ୍‌ରଲ୍ ମସଜିଦିଲ୍ ହରାମ୍ ଏହି ଆୟତର ଯର୍ଥାଥ ହେଉଛି, (ହେ ମୁସଲମାନଗଣ !) ତୁମମାନଙ୍କର କେବଳ ମାତ୍ର ଗୋଟିଏ ଲକ୍ଷ ହେବା ଉଚିତ୍ ଯେ, ତୁମେ ଖାନା କାବାକୁ ଜୟ କରି ତାହାକୁ ନିଜ କେନ୍ଦ୍ର କରିନିଅ । କାରଣ ଯେପର୍ଯ୍ୟନ୍ତ ସୁଦ୍ଧା ମକ୍କାରେ ଇସଲାମ ପରିବ୍ୟାପ୍ତ ହୋଇ ନାହିଁ, ଯେପର୍ଯ୍ୟନ୍ତ ମକ୍କା ମୁସଲମାନମାନଙ୍କ ଅଧୀନରେ (ଅକ୍ତିଆରକୁ) ଆସି ନାହିଁ ସେପର୍ଯ୍ୟନ୍ତ ବାକି ଆରବ (ଅଞ୍ଚଳ)କୁ ସେମାନେ ଅଧିକୃତ କରିପାରିବେ ନାହିଁ । ଏହି ଲକ୍ଷ ମୁସଲମାନମାନଙ୍କ ସକାଶେ ନିରୂପଣ କରାଯାଇଥିଲା । ଖୁତ୍‌ବାର ଦ୍ୱିତୀୟ ଭାଗରେ ମହାମହିମ ହୁଜୁର ଅନଓ୍ୱର[ଅ.ବ] ଜଣେ ଶହିଦ୍‌ଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କରି କହିଲେ; ଏହି ଚର୍ଚ୍ଚା ଶ୍ରୀମାନ ସ୍ୱର୍ଗତ ଡ଼ାଃ ଶେଖ୍ ମୁହମ୍ମଦ ମେହମୁଦ୍ ସାହେବ ଦିଲ୍ଲୀଙ୍କର । ଯାହାଙ୍କୁ ଚଳିତ ମାସ ୧୬ତାରିଖ ଦିନ ଜଣେ ଅହେମଦି ବିରୋଧୀ ଫାଇରିଙ୍ଗ କରି ଶହିଦ୍ କରିଦେଲା । ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍ ।

ଘଟଣା ଦିନ ଡ଼ାକ୍ତର ସାହେବ ଜୁମା ନମାଜ ପାଠ କରିବା ଅନ୍ତେ ନିଜ ପରିବାରବର୍ଗଙ୍କ ସହିତ ସରଗୋଧା ସ୍ଥିତ ଫାତିମା ଚିକିତ୍ସାଳୟ ଯେଉଁଠାରେ ସେ ଚିକିତ୍ସା (କାର୍ଯ୍ୟ) କରୁଥିଲେ, ପହଞ୍ଚିଲେ ସେତେବେଳେ ସେଠାରେ ପୂର୍ବରୁ ଜଣେ ବ୍ୟକ୍ତି ତାଙ୍କର ବାଟ ଚାହିଁ ବସିଥିଲା । ଆଉ ଯେତେବେଳେ ଡ଼ାକ୍ତର ସାହେବଙ୍କୁ ଆସିବାର ଦେଖିଲା ନିଜ ଶପିଙ୍ଗ ବ୍ୟାଗରୁ ବନ୍ଧୁକ ବାହାର କରି ଏବଂ ଆପଣଙ୍କ ପଛରୁ ଫାଇରିଙ୍ଗ କରିଦେଲା । ଯଦିଚ ଡ଼ାକ୍ତର ସାହେବଙ୍କୁ ତତ୍‌କ୍ଷଣାତ ସୋଲ୍ ଚିକିତ୍ସାଳୟ ଘେନି ନିଆଗଲା କିନ୍ତୁ ଆଘାତ ଏତେ ଗଭୀର ଥିଲା ଯେ, ଡ଼ାକ୍ତର ସାହେବ ଜୀବନ୍ୟାସ ଲାଭ କରିପାରିଲେ ନାହିଁ ଏବଂ ଶହିଦ୍ ହୋଇଗଲେ । ଏପରି ଉନ୍ମୂଳକ କାଣ୍ଡ ଭିଆଇବା ପରେ ଅଭିଯୁକ୍ତ ନିଜ ମାରାତ୍ମକ ଅସ୍ତ୍ର ଲହରେଇ ନିଜ ସାଥୀ ସହିତ ସେଠାରୁ ଫେରାର ହୋଇଗଲା । ଦେହାନ୍ତ ସମୟରେ ଡ଼ାକ୍ତର ସାହେବଙ୍କୁ ୫୯ବର୍ଷ ବୟସ ହୋଇଥିଲା । ଶହିଦ୍‌ଙ୍କ ପରିବାରରେ ଅହେମଦିୟତ୍ ତାଙ୍କ ପରଦଦା ଶ୍ରୀମାନ ବାବୁ ଏଜାଯ୍ ହୁସେନ୍ ସାହେବଙ୍କ ଭ୍ରାତା ହଜରତ ସରଫରାଜ୍ ହୁସେନ୍ ସାହେବ ଦିଲ୍ଲୀ ନିବାସୀଙ୍କ ମାଧ୍ୟମରେ ଆସିଥିଲା । ସେ ହଜରତ ମସିହ ମଉଦ [ଅ.ସ]ଙ୍କର ପବିତ୍ର ହସ୍ତରେ ବୈଅତ୍ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ପରବର୍ତ୍ତୀ ସମୟରେ ଶହିଦ୍‌ଙ୍କର ପରଦଦା ଶ୍ରୀମାନ ବାବୁ ଏଜାଯ୍ ହୁସେନ୍ ସାହେବ ନିଜ ଭ୍ରାତାଙ୍କ ମାଧ୍ୟମରେ ବୈଅତ୍ କରିଥିଲେ । ସ୍ୱର୍ଗତ ଡ଼ାକ୍ତର ସାହେବ ଏଫ.ଏ.ସି ଲାହୋର କଲେଜରୁ କରିଥିଲେ । ସେଥିଅନ୍ତେ ରାଉଲପିଣ୍ଡି ମେଡ଼ିକାଲ୍ କଲେଜ୍‌ରୁ ୧୯୯୦ମସିହାରେ ଏମ୍.ବି.ବି.ଏସ୍ ଡ଼ିଗ୍ରୀ ହାସଲ କରିଥିଲେ । ତା'ପରେ ପଞ୍ଜାବ ସରଭିଶ୍ କମିଶନ୍‌ର

ପରୀକ୍ଷା ପାସ କଲେ ଓ ଚାରି ବର୍ଷ ସରୋସଯ୍ ଚିକିତ୍ସାଳୟ ଏବଂ ଜନାହ୍ ଚିକିତ୍ସାଳୟରେ କାର୍ଯ୍ୟ କରିଥିଲେ । ୧୯୯୮ମସିହାରେ ରୟାଲ୍ କଲେଜ୍ ଫିଜିଶିନିଜିଓର ସଦସ୍ୟତା କରିଥିଲେ । ୨୦୨୧ମସିହାରେ ତାଙ୍କୁ ଫେଲୋଶିପ୍‌ର ଉପାଧି ମିଳିଥିଲା ।

୨୦୦୧ମସିହାରେ ସ୍ୱର୍ଗତ ଡ଼ାକ୍ତର ସାହେବ ସରଗୋଧା ସ୍ଥାନାନ୍ତରିତ ହୋଇଯାଇଥିଲେ । ସରଗୋଧାର ସେ କଲିଜା ଓ ପାକସ୍ଥଳୀ ବିଭାଗର ପ୍ରଥମ ଅଭିଜ୍ଞ ଓ ଦକ୍ଷ ଡ଼ାକ୍ତର ଥିଲେ । ସରଗୋଧା ସ୍ଥାନାନ୍ତରିତ ହେବା ପରେ ହିଁ ସେ ନିୟମିତ ରୂପେ ଫଜଲେ ଉମର୍ ଚିକିତ୍ସାଳୟର ମଧ୍ୟ ଭିଜିଟିଙ୍ଗ ଡ଼ାକ୍ତର ଭାବରେ ସେବା ସମ୍ପାଦନ କରୁଥିଲେ । ଅଲ୍ଲାଃତାଲା ତାଙ୍କ ହସ୍ତରେ ଶିଫା (ଆରୋଗ୍ୟ) ରଖିଥିଲେ । ସାଂସାରିକ ଜ୍ଞାନ ସହିତ ତାଙ୍କର ଧାର୍ମିକ ଜ୍ଞାନ ମଧ୍ୟ ବେଶ୍ ଅଧିକ ରହିଥିଲା । ପବିତ୍ର କୁରଆନ ପାଠ କରିବା ଓ ତାହାର ବ୍ୟାଖ୍ୟା ଅଧ୍ୟୟନ କରିବା, ତଜ୍‌କିରା, ରୁହାନୀ ଖଜାଇନ୍ ତଥା ଅନ୍ୟାନ୍ୟ ଜମାଅତୀୟ ପୁସ୍ତକ ଏବଂ ମତଭେଦ ମୂଳକ ବିଷୟ ସଂକ୍ରାନ୍ତରେ ଗଭୀର ଅଧ୍ୟୟନ କରୁଥିଲେ । ଡ଼ାକ୍ତର ସାହେବ ଅତିରିକ୍ତ ଅମିର୍ ଜିଲା ସରଗୋଧା ଭାବରେ ମଧ୍ୟ ସେବା ସମ୍ପାଦନ କରିଛନ୍ତି । ମେଡ଼ିକାଲ୍ ଆସୋସିଏଶନ୍‌ର ସ୍ଥାପନ ହେବା ପରେ ସେ ତାହାର ସଦସ୍ୟ ହୋଇଥିଲେ । ୨୦୨୪ମସିହାରୁ ସେ ମେଡ଼ିକାଲ୍ ଆସୋସିଏଶନ୍ ଅତିରିକ୍ତ ସଦର୍ ମଧ୍ୟ ଥିଲେ । ଏହିପରି ସରଗୋଧା ଚେପ୍ଟର ମଧ୍ୟ ସଦର୍ ଥିଲେ । ବିଗତ ତିନି ବର୍ଷ ହେଲା ସେ କ୍ୟାନସର ରୋଗରେ ପୀଡ଼ିତ ଥିଲେ କିନ୍ତୁ ତଥାପି ସର୍ବଦା ନିଜ ବ୍ୟାଧି ଉପରେ ଅନ୍ୟମାନଙ୍କ ବ୍ୟାଧି ଓ ଯନ୍ତ୍ରଣାକୁ ପ୍ରାଧାନ୍ୟ ଦେଉଥିଲେ । ପ୍ରତି ମୁହୂର୍ତ୍ତରେ ସେବା କରିବାକୁ ପ୍ରସ୍ତୁତ ରହୁଥିଲେ । ରୋଗୀମାନଙ୍କ ସହିତ ସହାନୁଭୂତି, ପ୍ରେମ ଓ ଅଭାବିମାନଙ୍କର ମାଗଣାରେ ଉପଚାର କରିବା ତାଙ୍କର ବୈଶିଷ୍ଟ୍ୟ ଥିଲା । **ଅଭାବିମାନଙ୍କର ମାଗଣାରେ ଚିକିତ୍ସା କରିବା ବ୍ୟତୀତ ତାଙ୍କୁ ନିଜ ଘରକୁ ଫେରିବାର ବାଟଖର୍ଚ୍ଚ ମଧ୍ୟ ପ୍ରଦାନ କରୁଥିଲେ ।** ଆଉ ସେମାନଙ୍କର କେତେକ ଟେଷ୍ଟ (ପରୀକ୍ଷା) ମାଗଣାରେ କରିଦେଉଥିଲେ । ଆର୍ଥିକ ଦୃଷ୍ଟିରୁ ଦୁର୍ବଳ କନ୍ୟାମାନଙ୍କ ବିବାହ ଖର୍ଚ୍ଚ ମଧ୍ୟ ବହନ କରୁଥିଲେ ।

ସ୍ୱର୍ଗତ ଡ଼ାକ୍ତର ସାହେବଙ୍କର ମାତା ଶ୍ରୀମତି ଅମତୁଲ୍ ହୈଇ ସାହେବା କୁହନ୍ତି, ମୋ ପୁତ୍ର ଆମର (ଅର୍ଥାତ୍ ପିତାମାତାଙ୍କର) ବହୁତ ଆଦର ସମ୍ମାନ କରୁଥିଲେ । ଶୈଶବ କାଳରୁ ଅନେକ ସୁଗୁଣର ସେ ଅଧିକାରୀ ଥିଲେ, ନିଜ କାମ ସହିତ କାମ ରଖୁଥିଲେ, ଖିଲାଫତ୍ ସହିତ ଅପାର ପ୍ରେମ ରହିଥିଲା, ଅର୍ଥ ପ୍ରସଙ୍ଗ ଓ ଲେଣଦେଣର ପୂର୍ଣ୍ଣ ହିସାବ ରଖୁଥିଲେ । ପରିବାରର ସମସ୍ତ ସଦସ୍ୟଙ୍କୁ ଏକାଠି ଯୋଡ଼ି ରଖିଥିଲେ । ତାଙ୍କ ପତ୍ନୀ ଶ୍ରୀମତୀ ଅମତୁନ୍ ନୁର ସାହେବା କୁହନ୍ତି; ପିଲାମାନଙ୍କୁ ସର୍ବଦା ଜମାଅତର ବ୍ୟବସ୍ଥା ସହିତ ଶଂଶ୍ଲିଷ୍ଟ ରହିବାକୁ ଅନୁପ୍ରାଣିତ କରୁଥିଲେ । ମୋର ଖୁତ୍‌ବା ନିୟମିତ ରୂପେ ଶୁଣିବା ସହିତ ମୂଖ୍ୟ ତଥ୍ୟମାନ ଡ଼ାଏରୀରେ ନୋଟ୍ କରୁଥିଲେ । ଚାନ୍ଦା ପୈଠ କରିବାରେ ଜଣେ ଆଦର୍ଶବାଦୀ ବ୍ୟକ୍ତି ଥିଲେ, ଶହିଦ୍ ହେବା ପୂର୍ବରୁ ସେ ନିଜ ଚାନ୍ଦା ଓ୍ୱସିୟତ୍ ସମ୍ପୂର୍ଣ୍ଣ ପୈଠ କରି ଦେଇଥିଲେ । ତାଙ୍କ କନ୍ୟା ଶ୍ରୀମତୀ ସାଏମାଃ କୁହନ୍ତି; ମୋ ପିତା ଅତ୍ୟନ୍ତ ଦୟାଳୁ ବ୍ୟକ୍ତି ଥିଲେ, ମୋ ବିବାହ ଅବସରରେ ମୋତେ ମାତ୍ର ଗୋଟିଏ ଉପଦେଶ ଦେଲେ ଯେ, **ହେ ମୋର ପ୍ରିୟ ପୁତ୍ରୀ ! ନିଜ ଶାଶୁଘର ଯାଇ ମଧ୍ୟ ସର୍ବଦା ଜମାଅତର ବ୍ୟବସ୍ଥା ସହିତ ଶଂଶ୍ଲିଷ୍ଟ ରହିବ ।** ଯଦି କଦାଚିତ କୌଣସି ସେବା କରିବାର ସୁଯୋଗ ମିଳେ ତେବେ ତାହାକୁ କଦାପି ଅସ୍ୱୀକାର କରିବ ନାହିଁ । ସ୍ୱର୍ଗତଙ୍କର ଜଣେ କୂଳବଧୂ କୁହନ୍ତି; ମୋ ଶ୍ୱଶୁରଙ୍କର ଅଲ୍ଲାଃତାଲାଙ୍କ ଉପରେ ପ୍ରଗାଢ଼ ବିଶ୍ୱାସ ଥିଲା । ଯେତେବେଳେ ମଧ୍ୟ କୌଣସି ପ୍ରସଙ୍ଗରେ ମୁଁ ତାଙ୍କ ଠାରୁ ମାର୍ଗଦର୍ଶନ ଲୋଡ଼ୁଥିଲି ସେତେବେଳେ ସେ

ଦୁଆରୁ ଉପାୟ ବତାଇବା ଆରମ୍ଭ କରୁଥିଲେ ଏବଂ ଦୁଆ (ଶବ୍ଦ)ରେ କଥା ଶେଷ କରୁଥିଲେ । **ସେ ଆହୁରି କୁହନ୍ତି, ଜମାଅତର ବିରୁଦ୍ଧାଚରଣ ଦେଖି ଶଶୁର ବହୁତ ବ୍ୟଥିତ ରହୁଥିଲେ, ସେଥିପାଇଁ ରାତିରୁ ଉଠି ତହଜୁଦ୍ ଓ ନଓ୍ୱାଫିଲ୍ ପାଠ କରୁଥିଲେ ।** ଆଉ ଏହା ତାଙ୍କର ନିତିଦିନିଆ ଅଭ୍ୟାସ ଥିଲା ।

ସରଦୋଧାର ଅମିର୍ ସାହେବ କୁହନ୍ତି; ସ୍ୱର୍ଗତ ଡ଼ାକ୍ତର ସାହେବ ଜଣେ ପରୋପକାରୀ ବ୍ୟକ୍ତି ବ୍ୟତୀତ ଅତି ବିନମ୍ର ଓ ବିନୟ ସ୍ୱଭାବୀ ମଣିଷଟିଏ ଥିଲେ । ଜମାତୀୟ କର୍ମକର୍ତ୍ତାମାନଙ୍କର ବହୁତ ଆଦର ସମ୍ମାନ କରୁଥିଲେ । ସେଠାକାର ମୁରବୀ ସାହେବ କୁହନ୍ତି; ଆମମାନଙ୍କର ଅତି ପ୍ରିୟ, ମାନବଜାତିର ସେବକ, ଦୟା ଓ କ୍ଷମାର ଚଳନ୍ତି ପ୍ରତିମା, ଲକ୍ଷାଧିକ ଲୋକମାନଙ୍କର ମସିହା (ପ୍ରାଣଦାତା), ସାକ୍ଷାତ ଦେବତୁଲ୍ୟ ମଣିଷ ଆଜି ଆମ ଗହଣରୁ ବିଚ୍ଛିନ୍ନ ହୋଇଗଲେ । ଶହିଦ୍ ଡ଼ାକ୍ତର ସାହେବ ଜଣେ ଦରବେଶ ସ୍ୱଭାବୀ ବ୍ୟକ୍ତି ଥିଲେ, ତାଙ୍କ ଜୀବନର ପ୍ରତ୍ୟେକ ଦିଗ ଆଦର୍ଶ ପୂର୍ଣ୍ଣ ଥିଲା । ବିରୋଧୀମାନେ ସମଗ୍ର ସହରରେ ତାଙ୍କ ନାମରେ ପତ୍ରିକା ବଣ୍ଟନ କରିଥିଲେ । ଏହିପରି ଆମ ବିରୋଧୀମାନେ ସେଠାରେ (ଅର୍ଥାତ୍ ପାକିସ୍ତାନରେ) ଯେଉଁ ଅହେମଦିମାନଙ୍କୁ ଟାର୍ଗେଟ କରିଥାନ୍ତି ତାହାର ସେମାନେ ଏକ ସୂଚୀ ପ୍ରସ୍ତୁତ କରିଛନ୍ତି । ଆଉ ସେହି ସୂଚୀରେ ଡ଼ାକ୍ତର ସାହେବଙ୍କ ନାମ ସର୍ବାଗ୍ରେ ରହିଥିଲା । ଜଣେ ମୌଲବୀ ଅକରମ୍ ତୁଫାନୀ ତାଙ୍କୁ ହତ୍ୟା କରିବା ବୈଧ ବୋଲି ଫତଓ୍ୱା (ଧର୍ମାଦେଶ) ଦେଇଥିଲା । କେବଳ ଏତିକି ନୁହେଁ, ବରଂ ସେହି ଫତଓ୍ୱା ବଣ୍ଟନ ମଧ୍ୟ କରାଯାଇଥିଲା । କିନ୍ତୁ ତଥାପି ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କଲା ନାହିଁ । ଅଲ୍ଲାଃତାଲା ଶୀଘ୍ର ଏମାନଙ୍କୁ କବଳିତ କରନ୍ତୁ । କାରଣ ଦେଶକୁ ରକ୍ଷା କରିବା ସକାଶେ ଏହା ଜରୁରୀ ଯେ, ଏପରି ଚରମପନ୍ଥୀଙ୍କ ଠାରୁ ମୁକ୍ତି ହାସଲ କରାଯାଉ । ଏହି ନାମକୁ ମାତ୍ର ଧାର୍ମିକ ଲୋକମାନେ ଧର୍ମ ନାମରେ ଦେଶରେ ଅଶାନ୍ତି, ଅରାଜକତା ଓ ଆତଙ୍କ ପରିବ୍ୟାପ୍ତ କରୁଛନ୍ତି । ଏମାନେ ଦେଶକୁ ଧ୍ୱଂସ କରିବାର ପ୍ରଣ କରି ବସିଛନ୍ତି । ଆମର ଆକୁଳ ପ୍ରାର୍ଥନା ତ କେବଳ ସେହି ପରମ କୃପାଳୁ ଅଲ୍ଲାଃଙ୍କ ଛାମୁରେ ହୋଇଥାଏ, ଆମେ ତାଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ପ୍ରତି ପୂର୍ଣ୍ଣ ପ୍ରୟାସ କରିଥାଉ । ଅଲ୍ଲାଃତାଲା ଶହିଦ୍ଙ୍କର ବୈକୁଣ୍ଠରେ ସ୍ତର ଉର୍ଦ୍ଧ୍ୱଗାମୀ କରନ୍ତୁ ଏବଂ ତାଙ୍କ ପରିଜନଙ୍କୁ ଧୈର୍ଯ୍ୟ ଓ ଦାମ୍ଭିକତା ପ୍ରଦାନ କରନ୍ତୁ । ସ୍ୱର୍ଗତଙ୍କର ମାତା ଜଣେ ପ୍ରାପ୍ତ ବୟସ୍କ ମହିଳା । ଅଲ୍ଲାଃତାଲା ତାଙ୍କୁ ପୁତ୍ରର ଏହି ବିରହ ବିଚ୍ଛେଦର କଷଣକୁ ସହ୍ୟ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ତାଙ୍କର ପତ୍ନୀ ଓ ପିଲାମାନଙ୍କୁ ମଧ୍ୟ ଅଲ୍ଲାଃତାଲା ନିଜ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅ୍‌ଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

★★★ ★★★ ★★★

Khulasa Khutba Juma Huzoor Anwar a.b.a

23rd May 2025

*Translated to Odia by :* Moulavi Anwar Ahmad Khan